# Akashvani, Sambalpur

## SAMBALPURI NEWS EVENING BULLETIN

## 18 May 2025- 7.02 pm- 7.12 pm.

*********************************************

୧- ସକାରାତ୍ମକ୍ ମନୋଭାବ୍ ସହେତେ ସର୍କାର୍ଙ୍କର୍ ଜନକଲ୍ୟାଣ୍କାରୀ କାମ୍ ମାନ୍କୁ ଲୁକ୍କର୍ ପାଖେ ପୁହୁଁଚାବାର୍ ଲାଗି ଅଧିକାରୀମାନ୍କୁ ପରାମର୍ଶ ଦେଲେ ମୁଖ୍ୟମନ୍ତ୍ରୀ ।

୨- ରାଏଜେ ରେଲ୍ବାଇ ଭିତିଭୂମି ସହେତେ ଅଲ୍ଗା ପ୍ରକଳ୍ପମାନ୍କର୍ କାମ୍କେ ତୁର୍ତି କର୍ବାର୍ ବାବ୍ଦେ ରେଲ୍ମନ୍ତ୍ରୀଙ୍କର୍ ସାଙ୍ଗେ ଆଲୋଚନା କଲେ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ।

୩- ଅଧାନୁ ପାଠ୍ ଛାଡ଼ିଥିବା ଛୁଆକୁ ଚିହ୍ନଟ୍ କର୍ବାର୍ ଲାଗି ସର୍କାର୍ଙ୍କର୍ ସର୍ବେକ୍ଷଣ୍ କାର୍ଯ୍ୟକ୍ରମ୍କେ ପ୍ରଶଂସା କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

ଆଉର୍

୪- "ବଦ୍ଲୁଥିବା ସମାଜ୍ଥି ସଂଗ୍ରହାଳୟର୍ ଭବିଷ୍ୟତ୍" ବାର୍ତା ନେଇକରି ଆଏଜ୍ ପାଳନ୍ କରାଯାଉଛେ ଅନ୍ତର୍ଜାତୀୟ ସଂଗ୍ରହାଳୟ ଦିବସ୍ ।

ମୁଖ୍ୟମନ୍ତ୍ରୀ- ବୌଦ୍ଧ ଆର୍ଏନ୍ୟୁ/ ସମ୍ବଲପୁର

ସକାରାତ୍ମକ ମନୋଭାବ୍ ସହେତେ ଜନକଲ୍ୟାଣ୍କାରୀ କାମ୍ ମାନ୍କୁ ଲୋକ୍ମାନ୍କର୍ ପାଖେ ପୁହୁଁଚାବାର୍ ଲାଗି ଅଧିକାରୀମାନ୍କୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ପରାମର୍ଶ ଦେଇଛନ୍ । ଆଏଜ୍ ମୁଖ୍ୟମନ୍ତ୍ରୀ ବୌଦ୍ଧ ଜିଲ୍ଲା ଗସ୍ତ କରିକରି ଜିଲ୍ଲାପାଳ୍ଙ୍କର୍ ସଦ୍ଭାବନା ସଭାଗୃହ ନ ଜିଲ୍ଲ ପ୍ରଶାସନ୍ର ସବୁ ଉନ୍ନତିମୂଳକ୍ କାମ୍ର ସମୀକ୍ଷା କରିଛନ୍ । ଜିଲ୍ଲା ନ ଯା'ଆସ୍ ସୁବିଧା ଲାଗି ପାଖାପାଖି ୨୮ କୋଟି ଟଙ୍କାର୍ ସଡ଼କ୍ ପ୍ରକଳ୍ପ ଲାଗି ଶିଳାନ୍ୟାସ୍ ହେଇଛେ । ଜିଲ୍ଲା ୩ ଶହ ଶଯ୍ୟାର ଡାକ୍ତର୍ଖାନା, ନୂଆଁ ବସ୍ଷ୍ଟେଣ୍ଡ୍ ଆଉ ରେଲ୍ଷ୍ଟେସନ୍ କାମ୍ ପାଖାପାଖି ସରିଛେ । ଖୋବ୍ ଜଲ୍ଦି ଇ ସବୁ ପ୍ରକଳ୍ପମାନ୍କର୍ ଉଦ୍ଘାଟନ୍ କରାଯିବା ବଲି ବୈଠକ୍ଥି ଆଲୋଚନା ହେଇଛେ । ଗ୍ରାମ୍ୟ ଉନ୍ନୟନ୍, ସଡ଼କ୍ ପରିବହନ୍, ସ୍ୱାସ୍ଥ୍ୟ, ଶିକ୍ଷା, ଜଲ୍ସେଚନ୍, ମହିଳା ସଶକ୍ତିକରଣ୍, କୃଷି, ଆଉ ଶିଳ୍ପ ବାବ୍ଦେ ଜିଲ୍ଲାପାଳ୍ ଆଉ ଅଧିକାରୀମାନ୍କର୍ ସହେତେ ମୁଖ୍ୟମନ୍ତ୍ରୀ ଆଲୋଚନା କର୍ବାର୍ ସହେତେ ଇତାର୍ ଅଏତ୍କା ପ୍ରଗତି ଲାଗି ନିର୍ଦ୍ଦେଶ୍ ଦେଇଥିଲେ । ଆଏବା ଦିନେ ବୌଦ୍ଧକେ ଗୁଟେ ଆଦର୍ଶ ଜିଲ୍ଲା ବନାବାର୍ ଲାଗି ମୁଖ୍ୟମନ୍ତ୍ରୀ ଅଧିକାରୀମାନ୍କୁ ଆହ୍ୱାନ୍ ଦେଇଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ବୌଦ୍ଧ-ତିରଙ୍ଗା ଶୋଭାଯାତ୍ରା ବୌଦ୍ଧ ସମ୍ବାଦଦାତା

ଆତଙ୍କବାଦ୍ ବିରୋଧିଥି ଭାରତ୍ ତରଫୁ ହେଇଥିବା ଅପରେସନ୍ ସିନ୍ଦୁର୍‌ର ସଫଳତା ଉତ୍‌ରୁ ଆଏଜ୍ ବୌଦ୍ଧ ଜିଲ୍ଲା ସରସରା ଗାଁ ନ ତ୍ରିରଙ୍ଗା ପରାକ୍ରମ୍ ଯାତ୍ରା ହେଇଯାଇଛେ । ବୌଦ୍ଧ ଜିଲ୍ଲା ଗସ୍ତଥି ଆସିକରି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କାର୍ଯ୍ୟକ୍ରମ୍‌ର ଶୁଭାରମ୍ଭ କର୍‌ବାର୍ ସହେତେ ଇଥି ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ସର୍‌ସରା ହାଇସ୍କୁଲ୍ ପଡ଼ିଆ ନ ହେଇଥିବା ଗୁଟେ ସାଧାରଣ୍ ସଭାଥି ମୁଖ୍ୟମନ୍ତ୍ରୀ ଯୋଗ୍ ଦେଇକରି ପ୍ରଧାନ୍‌ମନ୍ତ୍ରୀଙ୍କର୍ ନେତୃତ୍ୱଥି ଭାରତ୍‌ର ସେନାବାହିନୀର୍ ଜବାନ୍ ମାନେ ଦେଖେଇଥିବା ପରାକ୍ରମ୍‌ର ପ୍ରଶଂସା କରିଥିଲେ । ଇ ସଭା ଉତ୍‌ରୁ ତ୍ରିରଙ୍ଗା ଶୋଭାଯାତ୍ରା ସର୍‌ସରା ଗାଁ ପରିକ୍ରମା କରିଥିଲା । ଶୋଭାଯାତ୍ରାଥି କନ୍ଧମାଲ୍ ସାଂସଦ୍ ସୁକାନ୍ତ ପାଣିଗ୍ରାହୀ, ବୌଦ୍ଧ ବିଧାୟକ୍ ସରୋଜ୍ କୁମାର୍ ପ୍ରଧାନ୍, କଂଟାମାଲ୍ ବିଧାୟକ୍ କହ୍ନେଇ ଚରଣ୍ ଡାଙ୍ଗ, ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା ଆଉ ଅତିରିକ୍ତ ଜିଲ୍ଲାପାଲ୍‌ଙ୍କର୍ ସହେତେ ସର୍‌କାରୀ ଅଧିକାରୀ, କର୍ମଚାରୀ, ଶିକ୍ଷକ୍, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ସଂଗଠନ୍‌ର ସଦସ୍ୟମାନେ ସାମିଲ୍ ହେଇଥିଲେ ।

ହାଇଦ୍ରାବାଦ୍- ଦୁର୍ଘଟଣା ଆର୍ଏନ୍ୟୁ/ ସମ୍ବଲପୁର

ହାଇଦ୍ରାବାଦ୍ର ଚାର୍ମିନାର୍ ପାଖେ ଥିବାର୍ ଗୁଲ୍ଜାର୍ ହାଉସ୍ ନ ଆଏଜ୍ ସଖାଲେ ହେଇଥିବା ଜୁଏ ଲାଗି ଘଟ୍ନାଥି ୧୭ ଝନ୍କର୍ ଜୀବନ୍ ଯାଇଛେ ଆଉ ବହୁତ୍ ଲୋକ୍ ଜଖମ୍ ହେଇଛନ୍ । ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଇ ଦୁର୍ଘଟଣା ଲାଗି ଗଭୀର ଶୋକ ପ୍ରକାଶ୍ କର୍ବାର୍ ସହେତେ ମୃତକମାନ୍କର୍ ପରିବାର୍ ଲୁକ୍କୁ ୨ ଲାଖ୍ ଟଙ୍କା ଲେଖା ଆଉ ଜଖମ୍ ହେଇଥିବା ଲୁକ୍କୁ ୫୦ ହଜାର୍ ଟଙ୍କା ଲେଖା ଅନୁକମ୍ପାମୂଲକ୍ ସାହାଜ୍ ଘୋଷ୍ନା କରିଛନ୍ ।

ଉପମୁଖ୍ୟମନ୍ତ୍ରୀ- କେନ୍ଦ୍ର ରେଲ୍ମନ୍ତ୍ରୀ ଆର୍ଏନ୍ୟୁ/ କଟକ୍

ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଆଏଜ୍ ନୂଆଦିଲ୍ଲୀ ଠାନେ କେନ୍ଦ୍ର ରେଲ୍ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟିଛନ୍ । ଶ୍ରୀ ସିଂହଦେଓ ଓଡ଼ିଶା ନ ରେଲ୍ବାଇ କ୍ଷେତ୍ରକେ ବର୍କସ୍ କର୍ବାର୍, ଭିତିଭୂମି, ଆଉ ପ୍ରସ୍ତାବିତ୍ ପ୍ରକଳ୍ପ ମାନ୍କର୍ କାମ୍ ତୁର୍ତି କର୍ବାର୍ ବାବ୍ଦେ ଆଲୋଚନା କରିଛନ୍ । କେନ୍ଦ୍ର ଆଉ ରାଜ୍ୟ ସର୍କାର୍ଙ୍କର୍ ଭିତ୍ରେ ନିରନ୍ତର୍ ସହଯୋଗ୍ର ଆବଶ୍ୟକତା ଉପ୍ରେ ଜୋର୍ ଦେଇକରି ଶ୍ରୀ

ସିଂହଦେଓ କହିଛନ୍, ଇତାର୍ ଜରିଏ ରାଏଜେ ସମାବେଶୀ ବିକାଶ୍ ଆଉ ଉନ୍ନତ୍, ସାର୍ବଜନୀନ ପରିବହନ୍ ସୁବିଧା ସୁନିଶ୍ଚିତ୍ କରାଯାଇପାର୍‌ବା ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ-ସ୍କୁଲ୍ ସମୀକ୍ଷା ହି.ସ.

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ -ରାଜ୍ୟର୍ ବିଦ୍ୟାଳୟ, ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କର୍ ସହେତେ ଗୁଟେ ଜରୁରୀ ସମୀକ୍ଷା ବୈଠକ୍ କହିଛନ୍ । ବୈଠକ୍‌ଥି ସ୍କୁଲ୍ ଭିତିଭୂମିର ଉନ୍ନତି, ପଢ଼ାବହିର୍ ବିକାଶ୍, ଶିକ୍ଷକ୍ ପ୍ରଶିକ୍ଷଣ୍ ଆଉ ଜାତୀୟ ଶିକ୍ଷାନୀତି ୨୦୨୦ର କ୍ରୀୟାନ୍ୱୟନ୍ ବାଗିର୍ ବିଷେ ଉପ୍‌ରେ ଆଲୋଚନା କରାଯାଇଛେ । ରାଏଜେ ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ଚାଲୁଥିବା ଘର୍‌କେ ଘର୍ ସର୍ବେକ୍ଷଣ୍ କାର୍ଯ୍ୟକ୍ରମ୍‌ର ପ୍ରଶଂସା କରିକରି ମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍, ଇ ପଦକ୍ଷେପ୍ ସବୁ ଛୁଆକୁ ଶିକ୍ଷାର୍ ମୁଖିଆ ଧାରାକେ ଫିରେଇ ଆନ୍‌ବାର୍ ଦିଗେ ଗୁଟେ ଜରୁରୀ ପଦକ୍ଷେପ୍ ଆଏ । ଗୁଟେ ବିକାଶ୍‌ଶୀଲ୍ ଓଡ଼ିଶା ଆଉ ଦେଶ୍ ଗଠନ୍ ଲାଗି କେନ୍ଦ୍ର ସର୍‌କାର୍ ସବୁବେଳେ କାମ୍ କରୁଛନ୍ ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ ।

ମୁଖ୍ୟମନ୍ତ୍ରୀ- ଜନ ଅଭିଯୋଗ୍ ଶୁଣାଣି ଶିବିର୍/ଆର୍ଏନ୍ୟୁ ସମ୍ବଲପୁର

ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ଶିବିର୍ ଆଏବା କାଏଲ୍ ସଖାଲର୍ ୮ ବଜେନୁ ନୂଆଁ ଜାଗା ଭୁବ୍ନେଶ୍ୱର୍ର ୟୁନିଟ୍-୨ ଅଶୋକ ନଗର୍ ଠାନେ ଥିବା ଆଘର୍ ସର୍କାରୀ ପ୍ରାଥମିକ ବିଦ୍ୟାଳୟ ନ ହେବା । ଆବେଦନ୍କାରୀ ନିଜର୍ ଅଭିଯୋଗ୍ ପତ୍ର ସଙ୍ଗେ ପଞ୍ଜିକରଣ୍ ପ୍ରାପ୍ତି ସ୍ୱିକାର୍ ପତ୍ର ଆଉ ବ୍ୟକ୍ତିଗତ ପରିଚୟ ପତ୍ର ସାଙ୍ଗେ ଧାରିଜ୍ ଜାଗା ନ ଠିକ୍ ସମିଆଥି ପୁହୁଁଚିକରି ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ୍ ଜନେଇପାର୍ବେ ବଲି ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

ପୁରୀଜଗନ୍ନାଥ୍ ମହାପ୍ରଭୁ- ସମ୍ପତି ଆର୍ଏନ୍ୟୁ/ ସମ୍ବଲପୁର

ଓଡ଼ିଶା ହାଇକୋର୍ଟ ପୁରୀ ଶ୍ରୀ ଜଗନ୍ନାଥ୍ ମହାପ୍ରଭୁଙ୍କର୍ ଭୂ-ସମ୍ପତି ବାବଦ୍ ଗୁଟେ ମାମ୍ଲାର୍ ଶୁଣାଣି କରିକରି ଶ୍ରୀମନ୍ଦିର୍ ପ୍ରଶାସନ୍ର ପଖିଆଥି ରାୟ ଦେଇଛନ୍ । ଶ୍ରୀମନ୍ଦିର୍ର ସବୁ ସମ୍ପତି ମାନ୍କର୍ କମ୍ପ୍ୟୁଟରୀକରଣ୍ କରାଯିବାର୍ ସହେତେ ରାଜ୍ୟ ସର୍କାର୍ଙ୍କର୍ ୟୁନିଫର୍ମ ପଲିସି ଆର୍ ଶ୍ରୀଜଗନ୍ନାଥ୍ ମନ୍ଦିର୍ ଆଇନ୍ ୧୯୫୫ ଅନ୍ସାରେ ସବୁ ଜମିର୍ ସୁରକ୍ଷା

କରାଯିବା ବଲି ହାଇକୋର୍ଟ କହିଛନ୍ । ହାଇକୋର୍ଟଙ୍କର୍ ନିର୍ଦ୍ଦେଶ୍‌କେ ଶ୍ରୀମନ୍ଦିର୍ ପ୍ରଶାସନ୍ ପୁରାପୁରି ଭାବେ ପାଳନ୍ କର୍‌ବା ବଲି ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ କହିଛନ୍ ।

ଧାନ୍ ଘିନା ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ମଣ୍ଡିମାନ୍‌କେ ଡାଲୁଆ ଧାନ୍ ଘିନା ମୁଲ୍ ହେଇଯାଇଛେ । ଗଲାବଛର୍ ତୁଲ୍‌ନାଥି ଇ ବଛର୍ ୨୨ ପ୍ରତିଶତ୍ ଅଏତ୍‌କା ଚାଷୀ ଧାନ୍ ବିକ୍‌ବାର୍ ଲାଗି ପଞ୍ଜିକରଣ୍ କରିଛନ୍ । ପାଖାପାଖି ୩ ଲାଖ୍ ଚାଷୀ ଡାଲୁଆ ଧାନ୍ ବିକ୍‌ବାର୍ ଲାଗି ପଞ୍ଜିକରଣ୍ କରିଥିବାର୍ ବେଲେ ଇ ବଛର୍ ୨୦ ପ୍ରତିଶତ୍ ଅଏତ୍‌କା ଧାନ୍ ଠୋଲ୍ ହେବାର୍ ସମ୍ଭାବନା ଅଛେ । ଅଏତ୍‌କା ଧାନ୍ ମହଜୁଦ୍ ରଖିବାର୍ ଲାଗି ଗୁଦାମ୍ ତୟାର୍ କରାଯିବାର୍‌କେ ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଅନ୍ତଃ ମନ୍ତ୍ରୀସ୍ତରୀୟ ବୈଠକ୍‌ଥି ନିଷ୍ପତି ନିଆଯାଇଛେ । ଇ ବଛର୍ ଭଦ୍ରକ୍, କନ୍ଧମାଲ୍ ଆର୍ ସୁନ୍ଦର୍‌ଗଡ଼୍ ଜିଲ୍ଲାକେ ଡାଲୁଆ ଧାନ୍ ଘିନା ପ୍ରକ୍ରିୟାଥି ସାମିଲ୍ କରାଯାଇଛେ ।

ନୂଆଁ ସର୍‌କାର୍- ବଛର୍‌ପୂର୍ତ୍ତି ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ଜୁନ୍ ମାସେ ରାଏଜେ ନୂଆଁ ସର୍କାର୍ ଗଠନ୍ ହେବାର୍ ବଛର୍ ପୂର୍ତି ପାଲନ୍ କରାଯିବା । ସର୍କାର୍ଙ୍କର୍ ଭିନ୍ ଭିନ୍ ଯୋଜ୍ନା ଆଉ କାର୍ଯ୍ୟକ୍ରମ୍ର ସଫଲତା ବାବ୍ଦେ ସାଧାରଣ୍ ଲୁକ୍କୁ ଜନାବାର୍ ଲାଗି ଆଏବା ଜୁନ୍ ୧୧ ନୁ ୧୩ ତାରିଖ୍ତକ୍ ରାଜ୍ୟର୍ ଜିଲ୍ଲା ଆଉ ବ୍ଲକ୍ସ୍ତର୍ଥି ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ମାନ୍ କରାଯିବା । ଇ ବାବ୍ଦେ ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜାଙ୍କର୍ ଅଧ୍ୟକ୍ଷତାଥି ଭୁବ୍ନେଶ୍ୱର୍ ଖାରବେଳ ଭବନ୍ର ସମ୍ମିଲନୀ କକ୍ଷ ନ ପ୍ରଶାସନିକ୍ ସ୍ତର୍ଥି ୨ ନମ୍ବର୍ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ଜନସଚେତନତା ବଢ଼ାବାର୍ ଲାଗି ୩ ଦିନ୍ ଧରିକରି ରାଜ୍ୟସ୍ତର୍ଥି ସାଧାରଣ ସଭା, ବିକାଶ୍ ମେଳା ଆଉ ଜିଲ୍ଲାସ୍ତର୍ଥି ସଭା ଆଉ କାର୍ଯ୍ୟକ୍ରମ୍ ଓର୍ମାସ୍ ସହଯୋଗ୍ଥି ପ୍ରଦର୍ଶନୀ ଭିଲ୍ ହେବା । ଭୁବନେଶ୍ୱର୍ ଜନତା ମଇଦାନ୍ ଠାନେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ୍ ହେବା ବଲି ବୈଠକ୍ନୁ ସୂଚ୍ନା ମିଲିଛେ ।

ଆର୍ଟ ଅଫ୍ ଗିଭିଙ୍ଗ          ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ସଦର୍ ମହକୁମା ନ ଆର୍ଟ ଅଫ୍ ଗିଭିଙ୍ଗ ର ୧୨ ନମ୍ବର୍ ବାର୍ଷିକ୍ ଉତ୍ସବ୍ ପାଲିତ୍ ହେଇଯାଇଛେ । ଇଥି ଜିଲ୍ଲାପାଲ୍ ମଧୁସୂଦନ୍ ଦାସ ଯୋଗ୍ ଦେଇକରି ଜୀବନ୍କେ

ସରଲ୍, ସୁସ୍ଥ ଆଉ ସୁନ୍ଦର୍ ଭାବେ ବଁଚ୍‌ବାର୍ ଲାଗି ଇଟା ଗୁଟେ ମାଧ୍ୟମ୍ ବଲି କହିଛନ୍ ।

ଶୀତଲ୍‌ଭଣ୍ଡାର୍ I&PR

ରାଏଜେ ଶୀତଲ୍ ଭଣ୍ଡାର୍ ଥାପ୍‌ନା ଲାଗି ଇହାଦେତକ୍ ଗୋ-ସୁଗମ୍ ପୋର୍ଟାଲ୍‌ଥି ୨୫ ଟା ଜିଲ୍ଲାର୍ ୮୨ ଝନ୍ ଉଦ୍ୟୋଗୀ ପଞ୍ଜିକରଣ୍ କରିସାରିଛନ୍ । କୃଷି ଆଉ କୃଷକ୍ ସଶକ୍ତିକରଣ୍ ବିଭାଗ୍‌ର ପ୍ରମୁଖ ଶାସନ୍ ସଚିବ ଡକ୍ଟର୍ ଅରବିନ୍ଦ ପାଢ଼ୀଙ୍କର୍ ଅଧ୍ୟକ୍ଷତାଥି କୃଷି ଭବନ୍ ସମ୍ମିଲନୀ କକ୍ଷ ନ ଓଡ଼ିଶା ଶୀତଲ୍ ଭଣ୍ଡାର୍ ଆସୋସିଏସନ୍‌ର ସଦସ୍ୟ ଆଉ ଶୀତଲ୍ ଭଣ୍ଡାର୍ ଥାପ୍‌ନା ଲାଗି ଇଚ୍ଛୁକ୍ ଉଦ୍ୟୋଗୀମାନ୍‌କର୍ ଭିତ୍‌ରେ ଗୁଟେ ଆଲୋଚନାଚକ୍ର ହେଇଯାଇଛେ । ଇ ଅବ୍‌ସରେ ବିଭାଗୀୟ ଅଧିକାରୀମାନେ ଉଦ୍ୟୋଗୀମାନ୍‌କର୍ ସହେତେ କୃଷିଜାତ ଦରବ୍‌ର ସଂରକ୍ଷଣ୍ ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ନୂଆଁ ଶୀତଲ୍‌ଭଣ୍ଡାର୍ ନୀତି ବାବ୍‌ଦେ ଆଲୋଚନା କରିଥିଲେ ।

ଅନ୍ତର୍ଜାତୀୟ ସଂଗ୍ରହାଲୟ ଦିବସ ଆର୍‌ଏନ୍‌ୟୁ / ସମ୍ବଲପୁର

ସଂଗ୍ରହାଲୟ ହେଉଛେ ସାଂସ୍କୃତିକ ବିନିମୟ, ସଂସ୍କୃତିର୍ ସମୃଦ୍ଧି, ଆପୋଷ ବୁଝାମଣାର ବିକାଶ୍, ଲୁକଙ୍କର୍ ଭିତ୍‌ରେ ସହଯୋଗ୍ ଆଉ ଶାନ୍ତିର ଗୁଟେ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ୍ । ଇ

ବାବ୍‌ଦେ ଲୋକ୍‌ମାନ୍‌କୁ ସଚେତନ୍ କର୍‌ବାର୍ ଲାଗି ଆଏଜ୍ ଅନ୍ତର୍ଜାତୀୟ ସଂଗ୍ରହାଲୟ ଦିବସ୍ ପାଲନ୍ କରାଯାଉଛେ । ଇଂଟର୍‌ନେସ୍‌ନାଲ୍ କାଉନ୍‌ସିଲ୍ ଅଫ୍ ମ୍ୟୁଜିୟମ୍ ୧୯୭୭ ମସିହାନୁ ଫି ବଛର୍ ମେ ୧୮ ତାରିଖ୍ ଦିନ ଅନ୍ତର୍ଜାତୀୟ ସଂଗ୍ରହାଲୟ ଦିବସ୍ ପାଲନ୍ କରୁଛେ । ଇ ବଛ୍‌ରର୍ ବାର୍ତା ହେଉଛେ 'ବଦ୍‌ଲୁଥିବା ସମାଜ୍‌ଥି ସଂଗ୍ରହାଲୟର୍ ଭବିଷ୍ୟତ୍' । ଇ ଦିବସ୍ ପାଲନ୍ ଅବ୍‌ସରେ ଦେଶର୍ ସବୁ ଭାରତୀୟ ପ୍ରତ୍ନତତ୍ୱ ସର୍ବେକ୍ଷଣ୍ ସ୍ମାରକୀ ଆଉ ସଂଗ୍ରହାଲୟଥି ଆଏଜ୍ ଦିନେ ଲାଗି ପ୍ରବେଶ୍ ଶୁଲ୍କକେ ଛାଡ଼୍ କରାଯାଇଛେ । ଇ ବାବ୍‌ଦେ ଏଏସ୍‌ଆଇ ତର୍‌ଫୁ ଘୋଷ୍‌ନା କରାଯାଇଛେ । ସଂସ୍କୃତି ମନ୍ତ୍ରଣାଲୟର୍ ସୂଚ୍‌ନା ଅନ୍‌ସାରେ ଏଏସ୍‌ଆଇର ୫୨ ଟା ସ୍ମାରକୀ ଆଉ ସଂଗ୍ରହାଲୟ ନ ସାଧାରଣ୍ ଲୁକେ ନିଃଶୁଲ୍କ ଯାଇପାର୍‌ବେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇ ଦିବସ୍ ଅବ୍‌ସରେ ଶୁଭେଚ୍ଛା ଜନେଇକରି କହିଛନ୍, ସଂଗ୍ରହାଲୟ ଆମର୍ ଅତୀତ୍‌ନୁ ବର୍ତମାନ୍ ଆଉ ଭବିଷ୍ୟତ୍‌କେ ଜୁଡୁଥିବା ଗୁଟେ ସେତୁ । ଓଡ଼ିଶାର୍ ସମୃଦ୍ଧ ଐତିହ୍ୟକେ ପାଲନ୍ କର୍‌ବାର୍ ଆର୍ ପୁର୍‌ନା କଥାନୀମାନ୍‌କୁ ସଂରକ୍ଷଣ୍ କର୍‌ବାର୍ ଲାଗି ଆମର୍ ପ୍ରତିବଦ୍ଧତାକେ ଫେର୍‌ଘାଏ ଥାପ୍‌ନା କର୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ଆହ୍ୱାନ୍ ଦେଇଛନ୍ ।

ଚତୁଃର୍ରାଷ୍ଟ୍ରୀୟ କନିଷ୍ଠ ବାଳିକା ହକି ପ୍ରତିଯୋଗିତା/ଆର୍‌ଏନ୍‌ୟୁ କଟକ୍

ଆର୍ଜେଂଟିନା ନ ଆଏବା ୨୫ ତାରିଖ୍ ନୁ ଜୁନ୍ ମାସର୍ ୨ ତାରିଖ୍‌ତକ୍ ହେବାର୍‌କେ ଥିବାର୍ ଚତୁଃର୍ରାଷ୍ଟ୍ରୀୟ କନିଷ୍ଠ ବାଳିକା ହକି ପ୍ରତିଯୋଗିତାଥି ଭାରତୀୟ ଦଲ୍‌ଥି ଓଡ଼ିଶା ନ ୪ ଝନ୍ ଖେଲାଲି ମନୋନୀତ୍ ହେଇଛନ୍ । ମନୋନୀତ୍ ହେଇଥିବା ଖେଲାଲିମାନେ ହେଲେ ଗୋଲ୍‌କିପର୍ ହର୍ଷାରାଣୀ ମିଞ୍ଜ୍, ଡିଫେଣ୍ଡର୍ ମମିତା ଓରାମ୍ ଆର୍ ପୂଜା ସାହୁ ଆର୍ ମିଡ୍ ଫିଲ୍ଡର ସୁପ୍ରିୟା କୁଜୁର୍ । କନିଷ୍ଠ ବାଳିକା ବିଶ୍ୱକପ୍ ଲାଗି ଇ ପ୍ରତିଯୋଗିତାନୁ ଭାରତୀୟ ଦଲ୍ ଲାଗି ଖେଲାଲି ବଛା ଯିବା ବଲି ଜନାପଡ଼ିଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ଭିନ୍ ଭିନ୍ ଇଲାକା ନ କାଲ୍‌ବୈଶାଖୀର୍ ପ୍ରଭାବ୍ ଲାଗି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ସୁନ୍ଦର୍‌ଗଡ୍, ଝାର୍‌ସୁଗୁଡ଼ା ସହେତେ ରାଜ୍ୟର୍ ୧୦ ଟା ଜିଲ୍ଲା ନ ଧୁକାଗର୍ଡ଼ି ସହେତେ ଜବର୍ ବର୍ଷା ଆଉ ଚଡ଼କ୍ ମାରିପାରେ ।

ସେନ୍ତା ନୂଆପଡ଼ା, କଲାହାଣ୍ଡି, ବଲାଙ୍ଗିର୍ ସହେତେ ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲାର୍ ଗୁଟେ/ ଦୁଇଟା ଜାଗା ନ ଧୁକାଗର୍ଡ଼ି ଆଉ ବର୍ଷା ସହେତେ ଚଡ଼କ୍ ମାରାକେ ନେଇକରି ପାଣିପାଗ୍ କେନ୍ଦ୍ର ତର୍ଫୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛେ । ଆଏଜ୍ ସମ୍ବଲ୍ପୁର୍ ନ ରାଜ୍ୟର୍ ସବୁନୁ ଅଏତ୍କା ତାତି ୩୯ ଦଶ୍ମିକ୍ ୮ ଡିଗ୍ରୀ ସେଲ୍ସିଅସ୍ ରେକର୍ଡ଼୍ କରାଯାଇଛେ ।